# NATIONAL NEWS BULLETIN (ODIA)

## 16 March - 2026

## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସତ୍ତ୍ୱେ ୪୬ ହଜାର ମେଟ୍ରିକ୍ ଟନ୍ ଏଲ୍.ପି.ଜି. ବହନ କରି ଭାରତର ଶିଭାଲିକ୍ ପହଞ୍ଚିଲା ଗୁଜରାଟରେ ।
- ଓଡ଼ିଶା, ବିହାର ଏବଂ ହରିୟାଣାର ୧୧ଟି ରାଜ୍ୟସଭା ଆସନ ପାଇଁ ଭୋଟଦାନ ସମ୍ପନ୍ନ ।

– ଆଜି ଘୋଷଣା ହେବ ଫଳାଫଳ ।

- ଆସାମ, କେରଳମ୍ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ଲାଗି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ପ୍ରକାଶ ପାଇଲା ବିଜ୍ଞପ୍ତି ।
- ୨୦୨୫ ଲାଗି ୨୪ଟି ଭାରତୀୟ ଭାଷାରେ ଆଜି ଘୋଷଣା ହେଲା ସାହିତ୍ୟ ଏକାଡେମୀ ପୁରସ୍କାର ।

ଏବଂ

- ଫ୍ରାନ୍ସ ଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଓର୍ଲିଆନ୍ସ ମାଷ୍ଟର୍ସ ସୁପର୍ **300** ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ।

# ଶିଭାଲିକ୍

ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସତ୍ତ୍ୱେ କାତାରରୁ ୪୬ ହଜାର ମେଟ୍ରିକ୍ ଟନ୍ ଏଲ୍.ପି.ଜି. ବହନ କରି ଶିଭାଲିକ୍ ନାମକ ଜାହାଜ ଆଜି ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି । ଜାହାଜରେ ଆସିଥିବା ଏଲ୍.ପି.ଜି. ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଘରୋଇ ଏଲ୍.ପି.ଜି. ସିଲିଣ୍ଡରରେ ଭର୍ତ୍ତି କରାଯାଇପାରିବ । ଏହି ଏଲ୍.ପି.ଜି. ଯେଭଳି ଉପଭୋକ୍ତାଙ୍କ ନିକଟରେ ଯଥା ଶୀଘ୍ର ପହଞ୍ଚି ପାରିବ ସେଥିଲାଗି ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ।

ଆଜି ନୂଆଦିଲ୍ଲୀ ଠାରେ ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କିତ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏଲ୍.ପି.ଜି. ବହନ କରି ଅନ୍ୟ ଏକ ଜାହାଜ ନନ୍ଦା ଦେବୀ ଆସନ୍ତାକାଲି ଭାରତରେ ପହଞ୍ଚିବ । ଏତଦ୍ ବ୍ୟତୀତ ଭାରତୀୟ ଧ୍ୱଜା ବହନ କରୁଥିବା ଜାଗ୍ ଲଡ଼କି ଜାହାଜଟି ମଧ୍ୟ ସଂଯୁକ୍ତ ଆରବ ଏମିରେଟ୍ସରୁ ଭାରତକୁ ସୁରକ୍ଷିତ ଭାବେ ଯାତ୍ରା କରୁଛି । ଏହି ଜାହାଜରେ ପ୍ରାୟ ୮୧ ହଜାର ଟନ୍ ଅଶୋଧିତ ତୈଳ ରହିଥିବା ଶ୍ରୀ ସିହ୍ନା କହିଛନ୍ତି ।

# ଆର୍‌ଏସ୍‌-ଏଲ୍‌ପିଜି

ଉପଭୋକ୍ତାମାନଙ୍କୁ ସୁଲଭ ମୂଲ୍ୟରେ ଏଲ୍.ପି.ଜି. ଇନ୍ଧନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ତୈଳ ବିପଣନ କମ୍ପାନୀଗୁଡ଼ିକୁ ୩୦ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ସରକାର ଅନୁରୂପ ଭାବେ ୨୨ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ । ବର୍ତ୍ତମାନ ଦିଲ୍ଲୀରେ ୧୪ ଦଶମିକ୍ ୨ କିଲୋଗ୍ରାମ ଓଜନ ବିଶିଷ୍ଟ ଘରୋଇ ଏଲ୍.ପି.ଜି. ସିଲିଣ୍ଡରର ଖୁଚୁରା ମୂଲ୍ୟ ୯୧୩ ଟଙ୍କା ରହିଛି ବୋଲି ଶ୍ରୀ ଗୋପୀ କହିଛନ୍ତି ।

ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ହିତାଧିକାରୀଙ୍କୁ ସିଲିଣ୍ଡର ପିଛା ୩୦୦ ଟଙ୍କାର ରିହାତି ପ୍ରଦାନ କରାଯାଉଥିବା ଦୃଷ୍ଟିରୁ ସରକାର ସମ୍ପୃକ୍ତ ଉପଭୋକ୍ତାଙ୍କୁ ୬୧୩ ଟଙ୍କାରେ ସିଲିଣ୍ଡର ଯୋଗାଇ ଦେଉଛନ୍ତି । ଗ୍ରାମାଞ୍ଚଳରେ ୧୭ ହଜାରରୁ ଅଧିକ ଏଲ୍.ପି.ଜି. ବିତରଣକାରୀ ସଂସ୍ଥାଙ୍କ ସମେତ ଦେଶ ବ୍ୟାପି ମୋଟ୍ ୨୫ ହଜାର ଅନୁରୂପ ସଂସ୍ଥା କାର୍ଯ୍ୟ କରୁଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗୋପୀ କହିଛନ୍ତି ।

## ରାଜ୍ୟସଭା ଇଲେକ୍ସନ

ବିହାର, ଓଡ଼ିଶା ଏବଂ ହରିୟାଣାର ୧୧ଟି ରାଜ୍ୟସଭା ଆସନ ପାଇଁ ଭୋଟ ଗଣନା ଜାରି ରହିଛି । ଆଜି ଏହିସବୁ ଆସନ ଲାଗି ସମ୍ପୃକ୍ତ ରାଜ୍ୟରେ ମତଦାନ ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ଗତମାସରେ ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନରେ ଦ୍ୱିବାର୍ଷିକ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ବିଜ୍ଞପ୍ତି ଜାରି କରିଥିଲେ । ସେଥିମଧ୍ୟରୁ ୨୬ଟି ଆସନରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଛନ୍ତି ।

## ଆସେମ୍ବ୍ଲି ଇଲେକ୍‌ସନ୍‌-ନୋମିସେନ୍‌

ଆସାମ, କେରଳମ୍‌ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ଲାଗି ଆଜି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଗେଜେଟ୍‌ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଜି ବିଜ୍ଞପ୍ତି ପ୍ରକାଶ ପାଇଥିବା ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଆସନ୍ତା ମାସ ୯ ତାରିଖ ଦିନ ଏକକ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ ଏବଂ ମେ ୪ ତାରିଖ ଦିନ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ । ଏଥିଲାଗି ଆଜିଠାରୁ ନାମାଙ୍କନପତ୍ର ଦାଖଲ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ । ୨୪ ତାରିଖ ଦିନ ସେଗୁଡ଼ିକୁ ଯାଞ୍ଚ କରାଯିବ ଏବଂ ୨୬ ତାରିଖ ହେଉଛି

ମନୋନୟନ ପତ୍ର ପ୍ରତ୍ୟାହାରର ଶେଷ ଦିବସ । ଆସାମ ବିଧାନସଭାର ସମସ୍ତ ୧୨୬ଟି, କେରଳମ୍‌ର ୧୪୦ଟି ଏବଂ ପୁଡୁଚେରୀର ୩୦ଟି ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ ।

ଆସାମର ମୁଖ୍ୟ ନିର୍ବାଚନ ଅଧିକାରୀ ଅନୁରାଗ ଗୋୟଲ ଆଜି ଗୌହାଟୀଠାରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମୋଟ୍ ୧୨୬ଟି ଆସନ ମଧ୍ୟରୁ ୯ଟି ଅନୁସୂଚୀତ ଜାତି ବର୍ଗର ପ୍ରାର୍ଥୀଙ୍କ ପାଇଁ ଏବଂ ୧୯ଟି ଅନୁସୂଚୀତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି । ଏଥିଲାଗି ରାଜ୍ୟ ବ୍ୟାପି ୩୧ ହଜାର ୪୮୬ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି ବୋଲି ଶ୍ରୀ ଗୋୟଲ କହିଛନ୍ତି । ସେ କହିଛନ୍ତି, ନିର୍ବାଚନକୁ ଅବାଧ ତଥା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ଲାଗି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀର ୨୦୦ କମ୍ପାନୀ ଇତିମଧ୍ୟରେ ରାଜ୍ୟରେ ପହଞ୍ଚି ସାରିଛନ୍ତି । ଅଧିକ କମ୍ପାନୀ ସୁରକ୍ଷା ବାହିନୀ କିଛି ଦିନ ମଧ୍ୟରେ ଆସି ପହଞ୍ଚିବେ ।

## ଆର୍‌ଏସ୍-ପାୱାର

ଦେଶରେ ଶକ୍ତି କ୍ଷେତ୍ରରେ ଗତ ୧୧ ବର୍ଷ ମଧ୍ୟରେ ସରକାରଙ୍କ ପକ୍ଷରୁ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶକ୍ତି ରାଷ୍ଟ୍ର ମନ୍ତ୍ରୀ ଶ୍ରୀପଦ ନାୟକ କହିଛନ୍ତି । ଆଜି ରାଜ୍ୟସଭାରେ ଏକ

ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, ଶକ୍ତି କ୍ଷେତ୍ରରେ ଥିବା ଅଭାବକୁ ପୂରଣ କରିବା ଲାଗି ଗତ ୧୧ ବର୍ଷ ମଧ୍ୟରେ ସରକାର ୨୯୬ ଗିଗାୱାଟ୍ ଶକ୍ତି ଉତ୍ପାଦନ କରିବାର ସାମର୍ଥ୍ୟ ପ୍ରତିପାଦନ କରିଛନ୍ତି । ଫଳରେ ଶକ୍ତି କ୍ଷେତ୍ରରେ ଦେଖାଦେଇଥିବା ଅଭାବକୁ ସଫଳତାର ସହ ପୂରଣ କରିବା ସହିତ ବର୍ତ୍ତମାନ ଏକ ବଳକା ରାଷ୍ଟ୍ର ଭାବେ ଭାରତ ଉଭା ହୋଇଛି । ଦେଶରେ ବର୍ତ୍ତମାନ ଶକ୍ତି ଉତ୍ପାଦନ କ୍ଷମତା ୫୨୦ ଗିଗାୱାଟ୍‌ରୁ ଊର୍ଦ୍ଧ୍ୱ ରହିଛି ବୋଲି ଶ୍ରୀ ନାୟକ କହିଛନ୍ତି ।

## ବିଜେପି-କେରଳମ୍ ଲିଷ୍ଟ

ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ଏବଂ ସି.ପି.ଏମ୍. ନେତୃତ୍ୱାଧୀନ ଏଲ୍.ଡି.ଏଫ୍. ପକ୍ଷରୁ କେରଳମ୍ ବିଧାନସଭା ନିର୍ବାଚନ ଲାଗି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥି ତାଲିକା ପ୍ରକାଶ ପାଇଛି । ଏହି ପର୍ଯ୍ୟାୟରେ ବିଜେପି ୪୭ଟି ଆସନ ଲାଗି ଏବଂ ଏଲ୍.ଡି.ଏଫ୍. ୭୫ଟି ଆସନ ଲାଗି ନିଜନିଜ ଦଳୀୟ ପ୍ରାର୍ଥିଙ୍କ ନାମ ଘୋଷଣା କରିଛନ୍ତି । ଏଲ୍.ଡି.ଏଫ୍. ତାଲିକାରେ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଏବଂ ଅର୍ଥମନ୍ତ୍ରୀ କେ.ଏନ୍. ବାଲଗୋପାଳ ପ୍ରମୁଖଙ୍କ ନାମ ସ୍ଥାନ ପାଇଛି ।

ମିଳିଥିବା ସୂଚନା ଅନୁଯାୟୀ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ମନ୍ତ୍ରୀ ଜର୍ଜ କ୍ୟୁରିଆନ୍ କାଞ୍ଜିରାପାଲି ଆସନରୁ  ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା

ବେଳେ ଦଳର ରାଜ୍ୟ ସଭାପତି ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ର ଶେଖର ନେମମରୁ ପ୍ରାର୍ଥୀ ହୋଇଛନ୍ତି । ସେହିଭଳି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭି. ମୁରଲୀଧରନ କାଜାକୋଟାମ୍ ଲାଗି ଓ ପୂର୍ବତନ ରାଜ୍ୟ ବିଜେପି ସଭାପତି କେ. ସୁରେନ୍ଦ୍ରମ୍ ମାଞ୍ଜେଶ୍ୱର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଅବସରପ୍ରାପ୍ତ ଆଇ.ପି.ଏସ୍. ଅଧିକାରୀ ଆର୍. ଶ୍ରୀଲେଖା ଭାଟିୟୁର୍କାଭୁ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ବେଳେ କୋଝିକୋଟେ ଉତ୍ତର ଆସନ ଲାଗି ନବ୍ୟ ହରିଦାଶଙ୍କୁ ବିଜେପି ପ୍ରାର୍ଥୀ କରିଛି ।

## ବିଜେପି ୱେଷ୍ଟବେଙ୍ଗଲ ଲିଷ୍ଟ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ବିଜେପି ପକ୍ଷରୁ ୧୪୪ ପ୍ରାର୍ଥୀ ବିଶିଷ୍ଟ ପ୍ରଥମ ତାଲିକା ଘୋଷଣା କରାଯାଇଛି । ରାଜ୍ୟ ବିଧାନସଭାର ବିରୋଧି ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ନନ୍ଦିଗ୍ରାମ ଏବଂ ଭବାନୀପୁରରୁ ପ୍ରାର୍ଥୀ କରାଯାଇଥିବା ବେଳେ ବର୍ତ୍ତମାନର ବିଧାୟକ ଅଗ୍ନି ମିତ୍ର ପଲ ଆସାମସୋଲ ଦକ୍ଷିଣରୁ ଦଳୀୟ ପ୍ରାର୍ଥୀ ହିସାବରେ ଲଢ଼ିବେ । ସେହିଭଳି ପୂର୍ବତନ ଲୋକସଭା ସଦସ୍ୟ ଦିଲୀପ ଘୋଷଙ୍କୁ ଖଡ଼ଗପୁର ସଦର ଆସନ ମିଳିଥିବା ବେଳେ ରାଜ୍ୟସଭାର ପୂର୍ବତନ ସଦସ୍ୟ ସପନ ଦାଶଗୁପ୍ତା ରାସବିହାରୀ ଆସନରୁ ଦଳୀୟ ପ୍ରାର୍ଥୀ ହୋଇଛନ୍ତି । ଏତଦ୍ ବ୍ୟତୀତ ମଏନା ଆସନରେ ପୂର୍ବତନ କ୍ରିକେଟ୍ ଖେଳାଳି ତଥା ବର୍ତ୍ତମାନର

ବିଧାୟକ ଅଶୋକ ଦିଣ୍ଡାଙ୍କୁ ଦଳ ପ୍ରାର୍ଥୀ କରିଛି । ୨୯୪ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାର ନିର୍ବାଚନ ଆଗାମୀ ୨୩ ଓ ୨୯ ତାରିଖ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବା ସହିତ ଆସନ୍ତା ମେ ୪ ତାରିଖ ଦିନ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ।

## ସାହିତ୍ୟ ଏକାଡେମୀ ଆୱାର୍ଡ

୨୪ଟି ଭାରତୀୟ ଭାଷାରେ ୨୦୨୫ ବର୍ଷ ଲାଗି ସାହିତ୍ୟ ଏକାଡେମୀ ପୁରସ୍କାର ଆଜି ଘୋଷଣା କରାଯାଇଛି । ହିନ୍ଦୀ ଭାଷାରେ 'ଜୀତେ ଜୀ ଆହ୍ଲାବାଦ୍' ସଂକଳନ ଲାଗି ମମତା କାଳିଆଙ୍କୁ ଏବଂ ଇଂରାଜୀ ଉପନ୍ୟାସ 'କ୍ରିମ୍‌ସନ୍ ସ୍ପ୍ରିଙ୍ଗ୍' ନିମନ୍ତେ ବିଶିଷ୍ଟ କୂଟନୀତିଜ୍ଞ ନବତେଜ୍ ସର୍‌ନାଙ୍କୁ ୨୦୨୫ ଲାଗି ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ । ଆସନ୍ତା ୩୧ ତାରିଖ ଦିନ ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ସମାରୋହରେ ଏହି ପୁରସ୍କାର ପାଇଥିବା କୃତି ବ୍ୟକ୍ତିଙ୍କୁ ୧ ଲକ୍ଷ ଟଙ୍କା ନଗଦ ରାଶି ସହିତ ମାନପତ୍ର ପ୍ରଦାନ କରାଯିବ ।

## ବ୍ୟାଡ୍‌ମିଣ୍ଟନ୍

ଫ୍ରାନ୍ସ ଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଓର୍ଲିଆନ୍ସ ମାଷ୍ଟର୍ସ୍ ସୁପର୍ **300** ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଭାରତର କିଦାମ୍ବୀ

ଶ୍ରୀକାନ୍ତ, ଆୟୁଷ ସେଟ୍ଟୀ ଓ ତନବୀ ଶର୍ମାଙ୍କ ସମେତ ପ୍ରମୁଖ ଖେଳାଳିମାନେ ଅଂଶଗ୍ରହଣ କରିବେ ।

ପୁରୁଷ ସିଙ୍ଗଲ୍ସ ବର୍ଗର ପ୍ରଥମ ରାଉଣ୍ଡରେ କିଦାମ୍ବୀ ଶ୍ରୀକାନ୍ତଙ୍କର ଡେନ୍‌ମାର୍କର ମ୍ୟାଗ୍‌ନସ୍ ଜୋହାନ୍‌ନେସେନ୍‌ଙ୍କ ସହିତ ମୁକାବିଲା ହେବାକୁ ଥିବା ବେଳେ ଆୟୁଷ ସେଟ୍ଟୀ ନିଜର ପ୍ରାରମ୍ଭିକ ମ୍ୟାଚ୍‌ରେ ଚାଇନିସ୍ ତାଇପେଇର ଲି ଚିଆ ହାଓଙ୍କୁ ଭେଟିବେ । ସେହିଭଳି କୀରଣ ଜର୍ଜ୍ ଏହି ବର୍ଗର ପ୍ରଥମ ମ୍ୟାଚ୍‌ରେ ଜାପାନ୍‌ର କେଣ୍ଟା ନିଶିମୋଟୋଙ୍କ ସହିତ ମୁକାବିଲା କରିବେ ।

ମହିଳା ସିଙ୍ଗଲ୍ସ ବର୍ଗରେ ତନ୍‌ବୀ ଶର୍ମା ଥାଲାଇଣ୍ଡର ସୁପାନିଦା କାଟେଥଙ୍ଗ୍ ଏବଂ ମାଳବିକା ବଂଶୋଦଙ୍କର ଚାଇନିସ୍ ତାଇପେଇର ସୁଙ୍ଗ୍ ସ୍ୱ ୟନ୍‌ଙ୍କୁ ଭେଟିବେ । ସେହିଭଳି ଭାରତର ରକ୍‌ସିତା ଶ୍ରୀ ସନ୍ତୋଷ ରାମରାଜ ଜାପାନର ମାନାମି ସୁଇଜୁ ଏବଂ ଅନ୍‌ମୋଲ୍ ଖାର୍ବ୍ ତୁର୍କୀର ନେସଲିହାଁ ଆରିନ୍‌ଙ୍କ ମଧ୍ୟରେ ମୁକାବିଲା ହେବ ।

ପୁରୁଷ ଡବଲ୍ସ ବର୍ଗରେ ହରିହରନ ଆମସାକରୁନନ୍ ଓ ଏମ୍.ଆର୍. ଅର୍ଜୁନଙ୍କ ଯୋଡ଼ି ଚାଇନିସ୍ ତାଇପେଇର ଲାଇ ପୋ ୟୁ ଓ ସାଇ ଫୁ ଚେଙ୍ଗ୍‌ଙ୍କୁ ଭେଟିବାକୁ ଥିବା ବେଳେ ମହିଳା ଡବଲ୍ସ ବର୍ଗରେ ଭାରତୀୟ ଯୋଡ଼ି ଅଶ୍ୱିନୀ ଭଟ୍ କେ. ଓ ଶିଖା ଗୌତମଙ୍କ ଯୋଡ଼ି ଜାପାନ୍‌ର ରୁଇ ହିରୋକାମି ଓ ସାୟାକା ହୋବାରାଙ୍କ ମଧ୍ୟରେ ମୁକାବିଲା ହେବ ।